# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

1969 TO 2029 ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVIII YEAR OF OUR LORD JESUS CHRIST, 2026 SEPTEMBER No.07


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୦୩:୧-୧୦)

୧ ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର; ହେ ମୋହର ଅନ୍ତରସ୍ଥସମସ୍ତ, ତାହାଙ୍କ ପବିତ୍ର ନାମର ଧନ୍ୟବାଦ କର ।

୨ ହେ ମୋହର ମନ ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହାଙ୍କର ମଙ୍ଗଳଦାନସବୁ ପାସୋର ନାହିଁ;

୩ ସେ ତୁମ୍ଭର ଅଧର୍ମସବୁ କ୍ଷମା କରନ୍ତି; ସେ ତୁମ୍ଭର ରୋଗସବୁ ସୁସ୍ଥ କରନ୍ତି;

୪ ସେ ବିନାଶରୁ ତୁମ୍ଭ ଜୀବନ ମୁକ୍ତ କରନ୍ତି; ସେ ସ୍ନେହପୂର୍ଣ୍ଣ କରୁଣା ଓ ଦୟାରୂପ ମୁକୁଟରେ ତୁମ୍ଭକୁ ଭୂଷିତ କରନ୍ତି;

୫ ସେ ଉତ୍ତମ ବସ୍ତୁରେ ତୁମ୍ଭର ମୁଖ ତୃପ୍ତ କରନ୍ତି; ତହୁଁ ଉତ୍କ୍ରୋଶ ପକ୍ଷୀ ନ୍ୟାୟ ତୁମ୍ଭର ନୂତନ ଯୌବନ ହୁଏ ।

୬ ସଦାପ୍ରଭୁ ଧର୍ମକର୍ମ ସାଧନ କରନ୍ତି ଓ ଉପଦ୍ରବଗ୍ରସ୍ତ ସମସ୍ତଙ୍କ ପକ୍ଷରେ ସୁବିଚାର ନିଷ୍ପତ୍ତି କରନ୍ତି ।

୭ ସେ ମୋଶାଙ୍କୁ ଆପଣା ପଥ ଓ ଇସ୍ରାଏଲ-ସନ୍ତାନଗଣକୁ ଆପଣା କ୍ରିୟାସବୁ ଜଣାଇଲେ ।

୮ ସଦାପ୍ରଭୁ ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର ଓ ଅତ୍ୟନ୍ତ ଦୟାଳୁ ।

୯ ସେ ନିରନ୍ତର ଧମକାଇବେ ନାହିଁ; କିଅବା ସଦାକାଳ ଆପଣା କ୍ରୋଧ ରଖିବେ ନାହିଁ ।

୧୦ ସେ ଆମ୍ଭମାନଙ୍କ ପାପ ପ୍ରମାଣେ ଆମ୍ଭମାନଙ୍କ ପ୍ରତି ବ୍ୟବହାର କରି ନାହାନ୍ତି, କିଅବା ଆମ୍ଭମାନଙ୍କ ଅଧର୍ମାନୁସାରେ ଆମ୍ଭମାନଙ୍କୁ ପ୍ରତିଫଳ ଦେଇ ନାହାନ୍ତି ।

# ସ୍ମରଣ କରିବା ପାଇଁ ମନେରଖନ୍ତୁ !

**REMEMBER TO REMEMBER!**

ଭଉଣୀ ଆଞ୍ଜେଲାଇନ୍



"ସେ କାହା କାହାକୁ ପ୍ରେରିତ, କାହା କାହାକୁ ଭାବବାଦୀ, କାହା କାହାକୁ ସୁସମାଚାର ପ୍ରଚାରକ, ପୁଣି କାହା କାହାକୁ ପାଳକ ଓ ଶିକ୍ଷକରୂପେ ନିଯୁକ୍ତ କରି ଦାନ କରିଅଛନ୍ତି" – ଏଫିସୀୟ ୪:୧୧ ।

ଦୂର ଦୂରାନ୍ତରେ ଥିବା ଆମ "ଆହ୍ୱାନର ପ୍ରତିଧ୍ୱନି"ର ସମସ୍ତ ସମ୍ପ୍ରସାରିତ ପରିବାର ସଦସ୍ୟମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଚମତ୍କାର ନାମରେ ଅଭିବାଦନ ଜଣାଉଅଛୁ ।

ଆମର ମାସିକ ପତ୍ରିକା ମାଧ୍ୟମରେ ଆପଣମାନଙ୍କ ସହିତ ସଂଯୁକ୍ତ ହେବା ସର୍ବଦା ଏକ ଆନନ୍ଦ ଓ ସୌଭାଗ୍ୟର ବିଷୟ ଅଟେ । ଯଦି ଏହି ପତ୍ରିକା ଆପଣମାନଙ୍କ ପାଇଁ ଏକ ଆଶୀର୍ବାଦସ୍ୱରୂପ ହୋଇଅଛି, ତେବେ ଦୟାକରି ଅବାଧରେ ଆମକୁ ତାହା ଜଣାନ୍ତୁ ।

ଆମେ ଆପଣମାନଙ୍କର ବହୁମୂଲ୍ୟ ପରାମର୍ଶ ଓ ମତାମତ ନିମନ୍ତେ ମଧ୍ୟ କୃତଜ୍ଞ ରହିବୁ ।

ଗୁରୁଦିବସ ପାଇଁ ଶୁଭେଚ୍ଛା !

ଆସନ୍ତୁ ! ଯେଉଁମାନେ ଆମକୁ ଶିକ୍ଷା ଦେଇଥିଲେ ଓ ଆମ ଉପରେ ପ୍ରଭାବ ପକାଇଥିଲେ, ସେମାନଙ୍କୁ ଆମେ ସ୍ମରଣ କରିବା ।

ଯେଉଁ ଶିକ୍ଷକମାନେ ପରବର୍ତ୍ତୀ ପିଢ଼ୀର ମନକୁ ଆଲୋକିତ କରିବା ପାଇଁ ସେମାନଙ୍କର ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି, ସେମାନଙ୍କୁ ଗୁରୁଦିବସ ପାଇଁ ଅନେକ ଅନେକ ଶୁଭକାମନା ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)


ଆହ୍ୱାନର ପ୍ରତିଧ୍ୱନି

ଖ୍ରୀଷ୍ଟିଆନ ୟୁ-ଟ୍ୟୁବ୍ ଚ୍ୟାନେଲ !



ପାଳକ ଏସ୍. ସାମ୍. ସେଲ୍ଭାରାଜ୍‌ଙ୍କ

ପ୍ରତିଦିନ ୨ ମିନିଟ୍‌ର ବାର୍ତ୍ତା

ଇଂରାଜୀ, ହିନ୍ଦୀ ଭାଷା – ସକାଳ ୧.୦୦ ଘଟିକା,

ତାମିଲ ଏବଂ ତେଲୁଗୁ ଭାଷା – ସକାଳ ୨.୦୦ ଘଟିକା

ଓ

ତାମିଲ, ଇଂରାଜୀ ବାର୍ତ୍ତା ଓ ପ୍ରାର୍ଥନା

ରବିବାର ଉପାସନା – ସକାଳ ୮.୩୦ ଏବଂ ସନ୍ଧ୍ୟା ୬.୦୦ ରେ

ଯଦି ଆପଣ ଆଶୀର୍ବାଦ ପାଉଛନ୍ତି, ତେବେ ଦୟାକରି ଏହାର ସଭ୍ୟ ହୁଅନ୍ତୁ !
ଆପଣ ଯେଉଁମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ଏ ବିଷୟରେ ଜଣାନ୍ତୁ !

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr. Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Sis. Sajini Cherian
Rev. Dr. J. John Rajarathnam, B.E.S., B.D., M.Th.
Rev. Dr. K.R. Rajasekaran
Adv. N. Balaji, B.Com., M.L.
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293
Cell : (+91) 98410 71852, 98412 71858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

**"...ଆମ୍ଭେ ତୁମ୍ଭ ଦେଶକୁ ସୁସ୍ଥ କରିବା" (୨ ବଂଶାବଳୀ ୭:୧୪)।**

ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଆପଣମାନଙ୍କ ପ୍ରତ୍ୟେକଙ୍କୁ ଅଭିବାଦନ ।

ଈଶ୍ୱରଙ୍କର ପ୍ରଚୁର ଅନୁଗ୍ରହରୁ, ଆମର ସେବାକାର୍ଯ୍ୟ ଅଗଷ୍ଟ ୧୦ ତାରିଖରେ ୫୮ ତମ ବର୍ଷରେ ପ୍ରବେଶ କରିଥିଲା । ଅଗଷ୍ଟ ୮,୯ ଓ ୧୦ ତାରିଖରେ, ଆମ ମଣ୍ଡଳୀଠାରେ ଅନୁଷ୍ଠିତ ହୋଇଥିବା ବିଶେଷ ଆତ୍ମିକ ସଭାଗୁଡ଼ିକ ଉପରେ ଈଶ୍ୱରଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ଆମେ ତାଙ୍କୁ ପ୍ରଶଂସା ଓ ଧନ୍ୟବାଦ ଦେଉଅଛୁ । ଆମେ ଏହି ବର୍ଷଗୁଡ଼ିକ ମଧ୍ୟରେ ଆମ ସହିତ ବିଶ୍ୱସ୍ତଭାବରେ ଠିଆ ହୋଇଥିବା ଓ ଏହି ସେବାକାର୍ଯ୍ୟରେ ଅଂଶଗ୍ରହଣ କରିଥିବା ଆପଣମାନଙ୍କ ପ୍ରତ୍ୟେକଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଉଅଛୁ ।

ପ୍ରଭୁ ଆପଣମାନଙ୍କର ପ୍ରେମ, ପ୍ରାର୍ଥନା ଓ ଦୃଢ଼ ସହାୟତା ନିମନ୍ତେ ବହୁଳ ଭାବରେ ଆଶୀର୍ବାଦ କରନ୍ତୁ ।

ଜୁଲାଇ ୫ ତାରିଖରେ ନିହିମିୟା ବାଇବଲ କଲେଜର ଜଣେ ସ୍ନାତକ (ଥିଓଲୋଜୀରେ ଡିପ୍ଲୋମା – Dip-Th), ଭଉଣୀ କେ.ଭିକ୍ଟୋରିଆ ନିଜର ପୁତ୍ର କେ. ଅନୁବରାଜଙ୍କୁ କଲେଜରେ ଜଣେ ଛାତ୍ର ଭାବରେ ଭର୍ତ୍ତି କରାଇବା ପାଇଁ ଆସିଥିଲେ । ଭଉଣୀ କେ.ଭିକ୍ଟୋରିଆ ବର୍ତ୍ତମାନ ଚେନ୍ନାଇର ଏନୋର ଅଞ୍ଚଳରେ ପ୍ରଭୁଙ୍କ କାର୍ଯ୍ୟ କରୁଛନ୍ତି ।



ଏହି ବହୁମୂଲ୍ୟ ପୁନର୍ମିଳନ ଆମ ହୃଦୟକୁ କୃତଜ୍ଞତା, ଆନନ୍ଦ ଓ ନୂତନୀକୃତ ଉତ୍ସାହରେ ପରିପୂର୍ଣ୍ଣ କରିଥିଲା । ବିଶ୍ୱସ୍ତ ଭାବରେ ପ୍ରଭୁଙ୍କର କାର୍ଯ୍ୟ କରୁଥିବା ଓ ସେବାକାର୍ଯ୍ୟରେ ପ୍ରଶିକ୍ଷିତ କରିବା ପାଇଁ ନିଜ ପୁତ୍ରକୁ ଆଣିଥିବା ଜଣେ ପୂର୍ବତନ ଛାତ୍ରଙ୍କୁ ଦେଖିବା ଈଶ୍ୱରଙ୍କ ବିଶ୍ୱସ୍ତତା ପ୍ରତି ଏକ ଚମତ୍କାର ସାକ୍ଷ୍ୟ ଅଟେ । ନିମ୍ନରେ ଭଉଣୀ ଭିକ୍ଟୋରିଆଙ୍କର ଏକ ସଂକ୍ଷିପ୍ତ ସାକ୍ଷ୍ୟ ପ୍ରଦତ୍ତ ଅଛି :

''ଈଶ୍ୱରଙ୍କ ଅନୁଗ୍ରହରୁ, ମୁଁ ୨୦୧୧–୨୦୧୨ ଶିକ୍ଷା ବର୍ଷରେ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟ ଦ୍ୱାରା ପରିଚାଳିତ ନିହିମିୟା ବାଇବଲ କଲେଜରେ ଅଧ୍ୟୟନ କରିବାର ସୁଯୋଗ ପାଇଥିଲି । ପ୍ରଥମ ଦିନରୁ, ମୁଁ ଏହା ଶିକ୍ଷା କରିଥିଲି ଯେ ବାଇବଲ କେବଳ ଅଧ୍ୟୟନ ନିମନ୍ତେ ଉଦ୍ଦିଷ୍ଟ ଏକ ପୁସ୍ତକ ନୁହେଁ, ମାତ୍ର ଏହା ଈଶ୍ୱରଙ୍କର ଏପରି ଜୀବନ୍ତ ବାକ୍ୟ ଅଟେ ଯାହାକୁ ପାଳନ କରିବା ଓ ପ୍ରତିଦିନ ସେହି ଅନୁସାରେ ଜୀବନ କାଟିବା ଆମ ପାଇଁ ଏକାନ୍ତ ଆବଶ୍ୟକ ଅଟେ । ମୁଁ ସେଠାରେ ଯେଉଁ ତାଲିମ ପାଇଥିଲି, ତାହା ମୋତେ ଈଶ୍ୱରଙ୍କ ଇଚ୍ଛା ଜାଣିବାରେ ଓ ତାଙ୍କର ଆଜ୍ଞାବହ ହୋଇ ବିଶ୍ୱସ୍ତ ଭାବରେ ଗମନାଗମନ କରିବାରେ ସାହାଯ୍ୟ କରିଥିଲା ।

ଅଧ୍ୟାପକମାନଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ବଳିଷ୍ଠ ବାଇବଲ ଶିକ୍ଷା ଓ ଧାର୍ମିକ ନିୟମାବଳି ମୋର ଆତ୍ମିକ ଜୀବନ ଓ ସେବାକାର୍ଯ୍ୟର ଏକ ଦୃଢ଼ ମୂଳ ଦୁଆରେ ପରିଣତ ହୋଇଥିଲା । ମୋ'ଠାରେ ପ୍ରବେଶ

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

କରାଯାଇଥିବା ମୂଲ୍ୟବୋଧଗୁଡ଼ିକ, ଯଥା – ପ୍ରାର୍ଥନା, ଶୃଙ୍ଖଳା, ନମ୍ରତା, ନିଷ୍ଠା, ସମୟାନୁବର୍ତ୍ତୀ ଓ ସେବାକାର୍ଯ୍ୟ ପାଇଁ ଏକ ସ୍ପଷ୍ଟ ଦର୍ଶନ ଏ ପର୍ଯ୍ୟନ୍ତ ମୋତେ ଶକ୍ତିଯୁକ୍ତ କରୁଅଛି ଓ ପ୍ରଭୁଙ୍କ ସେବାରେ ଚାଳନା ଦେଉଅଛି ।

ଈଶ୍ୱର ଏହି ଅନୁଷ୍ଠାନ ମାଧ୍ୟମରେ ମୋର ଜୀବନକୁ ସୁଗଠିତ କରିଥିବାରୁ, ମୁଁ ତାଙ୍କୁ ସଂପୂର୍ଣ୍ଣ ହୃଦୟର ସହିତ ଧନ୍ୟବାଦ ଜଣାଉଅଛି । ଯେଉଁ ଅଧ୍ୟାପକ ଓ ପରିଚାଳନା ସମିତି ମୋର ପ୍ରଶିକ୍ଷଣ ସମୟରେ, ପ୍ରେମର ସହିତ ମୋତେ ଶିକ୍ଷା ଦେଇଥିଲେ, ଚାଳନା ଦେଇଥିଲେ, ଉତ୍ସାହିତ କରିଥିଲେ ଓ ମୋ' ନିମନ୍ତେ ପ୍ରାର୍ଥନା କରିଥିଲେ, ସେମାନଙ୍କ ପ୍ରତି ମୁଁ ଗଭୀର ଭାବେ କୃତଜ୍ଞ ଅଟେ । ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ'' ଯେପରି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ଅନେକ ଅନେକ ଯୁବକ ଯୁବତୀଙ୍କୁ ସୁସଜ୍ଜିତ କରିବ ଓ ପୃଥିବୀର ଲବଣ ଓ ଜଗତର ଆଲୋକ ହେବା ପାଇଁ ସେମାନଙ୍କୁ ବୃଦ୍ଧି କରିବ, ଏହା ମୋର ଆନ୍ତରିକ ପ୍ରାର୍ଥନା ଅଟେ ।

ଉଜଣୀ ଭିକ୍ଟୋରିଆ

ଆମେ ''ଆହ୍ୱାନର ପ୍ରତିଧ୍ୱନି'' ପରିବାରର ସମସ୍ତ ପାଠକ ଓ ସଦସ୍ୟଙ୍କୁ ସେମାନଙ୍କର ନିରବଚ୍ଛିନ୍ନ ପ୍ରେମ, ବିଶ୍ୱସ୍ତ ପ୍ରାର୍ଥନା ଓ ଉଦାରପୂର୍ଣ୍ଣ ଅର୍ଥ ସହାୟତା ନିମନ୍ତେ ଆମର ଆନ୍ତରିକ ଧନ୍ୟବାଦ ଜଣାଉଅଛୁ । ଆପଣମାନଙ୍କର ମିଳିତ ସହଯୋଗ ଆମକୁ ସୁସମାଚାର ଘୋଷଣା କରିବା ଓ ଈଶ୍ୱରଙ୍କ ସେବା ନିମନ୍ତେ ବିଶ୍ୱାସୀମାନଙ୍କୁ ସୁସଜ୍ଜିତ କରିବା ଅବ୍ୟାହତ ରଖିବାରେ ଆମକୁ ସାମର୍ଥ୍ୟ ପ୍ରଦାନ କରେ ।

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରଚୁର ଅନୁଗ୍ରହ, ଶାନ୍ତି ଓ ଆଶୀର୍ବାଦ ଆପଣମାନଙ୍କର ସହବର୍ତ୍ତୀ ହେଉ । ଆମେନ୍ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍ଭରାଜ

E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

''ସେ କାହା କାହାକୁ ପ୍ରେରିତ, କାହା କାହାକୁ ଭାବବାଦୀ, କାହା କାହାକୁ ସୁସମାଚାର ପ୍ରଚାରକ, ପୁଣି କାହା କାହାକୁ ପାଳକ ଓ ଶିକ୍ଷକ ରୂପେ ନିଯୁକ୍ତ କରି ଦାନ କରିଅଛନ୍ତି'' (ଏଫିସୀୟ ୪:୧୧) ।

ମୁଁ ପ୍ରକୃତରେ ଏହା ବିଶ୍ୱାସ କରେ ଯେ ପିତାମାତା ମାନେ ଆମର ଈଶ୍ୱର ପ୍ରଦତ୍ତ ପ୍ରଥମ ଶିକ୍ଷକ ଅଟନ୍ତି । ସେମାନେ ହିଁ ଆମକୁ ଜୀବନର ପ୍ରଥମ ବିଷୟଗୁଡ଼ିକୁ ଶିକ୍ଷା ଦିଅନ୍ତି ଓ ଆମର ପ୍ରଥମ ପଦକ୍ଷେପଗୁଡ଼ିକ ପାଇଁ ଚାଳନା ଦିଅନ୍ତି ।

ଭାରତରେ, ଆମ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡ଼.ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବରେ ପାଳନ କରାଯାଏ । ସେ



ଶିକ୍ଷକମାନଙ୍କୁ ଅତି ଗୁରୁତ୍ୱ ଦେଉଥିଲେ ଓ ଭବିଷ୍ୟତ୍ ଯୁଗର ମନକୁ ସୁଗଠିତ କରିବାରେ ସେମାନଙ୍କର ଭୂମିକାକୁ ସ୍ୱୀକୃତି ପ୍ରଦାନ କରିଥିଲେ ।

ଆମ ମଧ୍ୟରୁ କେଉଁଜଣ ଏ ପର୍ଯ୍ୟନ୍ତ ଆମର ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ସଣ୍ଡେସ୍କୁଲ ଶିକ୍ଷକ ଓ ବାଇବଲ କଲେଜର ଅଧ୍ୟାପକମାନଙ୍କୁ ମନେ ରଖୁଛନ୍ତି ବୋଲି ମୁଁ ଚିନ୍ତା କରେ । ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆମେ କ'ଣ ଆମର ସେହି ପ୍ରାଥମିକ ଶିକ୍ଷକମାନଙ୍କୁ ମନେରଖୁ, ଯେଉଁମାନେ ଆମକୁ ଗୋଟିଏ ପେନ୍‌ସିଲ୍ ଧରିବା, ଆମର ପ୍ରଥମ ଲେଖା ଲେଖିବା ଓ ଆମର ପ୍ରଥମ ସଂଖ୍ୟାଗୁଡ଼ିକୁ ଗଣିବା ଶିଖାଇଥିଲେ ?

ସମୟ ଅତିକ୍ରାନ୍ତ ହେବା ବେଳେ, ଆମେ ପ୍ରାୟ ସେହି ଶିକ୍ଷାକୁ ଭୁଲିଯାଉ, ଯଦ୍ୱାରା ଆମେ ସେହି ସ୍ଥାନକୁ ଆସିଅଛୁ, ଯେଉଁଠାରେ ଆମେ ବର୍ତ୍ତମାନ ଅଛୁ ।

ମୋର ମା' ଭେୟାଶାଲି ସେଲ୍‌ଭାନ୍ ୩୨ ବର୍ଷ ଧରି ଜଣେ ପ୍ରାଥମିକ ଶିକ୍ଷୟିତ୍ରୀ ଥିଲେ । ସେ ଆମ ଅଞ୍ଚଳର ପିଲାମାନଙ୍କୁ ଅନେକ ବର୍ଷ ଧରି ସମସ୍ତ ଆନୁଷ୍ଠାନିକ ବିଷୟ ଉପରେ ଶିକ୍ଷା ଦେଉଥିଲେ । ସେ ମଧ୍ୟ ଆମର ସଣ୍ଡେସ୍କୁଲ ଶିକ୍ଷୟିତ୍ରୀ ଥିଲେ ଓ ଆମକୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ସହିତ ପରିଚିତ କରାଇଥିଲେ ।

ସେ କେବଳ ଆମର ଜଣେ ଶିକ୍ଷାବିତ୍ ଥିଲେ, ତା' ନୁହେଁ, ମାତ୍ର ସେ ଏପରି ଏକ ଉପକରଣ ମଧ୍ୟ ଥିଲେ ଯାହାଙ୍କ ମାଧ୍ୟମରେ ଅନେକ ପିଲା ଖୁବ୍ କମ୍ ବୟସରୁ ଉଭୟ, ସେମାନଙ୍କ ସାଧାରଣ ଶିକ୍ଷାରେ ଓ ଧାର୍ମିକ ଜୀବନରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ପରିଚିତ ହୋଇଥିଲେ ।

ସେ ଆମ ଆହ୍ୱାନର ପ୍ରତିଧ୍ୱନି, ମୁଖ୍ୟ ଉପାସନା-ଜୟରେ ପ୍ରଥମ ସଣ୍ଡେସ୍କୁଲ ଶିକ୍ଷୟିତ୍ରୀ ଥିଲେ ଓ ତାଙ୍କ ମାଧ୍ୟମରେ ଆମର ଅନେକ ବର୍ତ୍ତମାନର ମଣ୍ଡଳୀ ନେତା ଓ ସହକାରୀ ପାଳକ ପ୍ରତିପାଳିତ ଓ ବୃଦ୍ଧିପ୍ରାପ୍ତ ହୋଇଥିଲେ ।

ମୁଁ ତାଙ୍କ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ଓ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କଠାରେ ତାଙ୍କର ଅବିଚଳିତ ବିଶ୍ୱାସକୁ କୃତଜ୍ଞତାର ସହିତ ସ୍ମରଣ କରେ ।

ସ୍ମରଣ କରିବା ପାଇଁ ମନେରଖନ୍ତୁ !

ବାଇବଲ ସ୍ମରଣ କରିବା ପାଇଁ ଆମକୁ ବାରମ୍ବାର କହିଛି ।

ସେହି ପ୍ରଭୁଙ୍କୁ ସ୍ମରଣ କରନ୍ତୁ, ଯିଏ ଆମ ନିମନ୍ତେ ମହତ୍ କର୍ମ ସାଧନ କରିଛନ୍ତି ।

ବିସ୍ମରଣ ସର୍ବଦା ମନେରଖିବା ପାଇଁ ଏକ ବିପଦନା ନୁହେଁ । ବାଇବଲ ଏହାକୁ କିଛି ଗୁରୁତ୍ୱର ବିଷୟ ଭାବରେ ଉପସ୍ଥାପନା କରିଛି । କୃତଜ୍ଞ ରହିବା ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ, କାରଣ ଧର୍ମଶାସ୍ତ୍ରରେ ଉଲ୍ଲେଖ





ଆମର ଠିକଣା :

# ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ହୋଇଥିବା ସର୍ବାଧିକ ନୀରବ, ଅଥଚ ସର୍ବାଧିକ ବିପଜ୍ଜନକ ପାପ ହେଉଛି, ଭୁଲିଯିବାର ପାପ ।

ଆମେ ପାପକୁ ପ୍ରାୟତଃ, କିଛି ସ୍ପଷ୍ଟ ବିଷୟ, ଯଥା – ବିଦ୍ରୋହ, କ୍ରୋଧ, ଅସାଧୁତା, ଅନୈତିକତା କିମ୍ବା ଗର୍ବ ଭାବରେ ଚିନ୍ତା କରୁ । ମାତ୍ର ବାଇବଲ ଆମକୁ ହୃଦୟର ଗୋଟିଏ ଅତି ଲୁକ୍କାୟିତ ସ୍ଥିତି ବିଷୟରେ ସତର୍କ କରିଦେଉଛି, ଯଥା – ଈଶ୍ୱରଙ୍କୁ ଓ ତାଙ୍କ ଉତ୍ତମତାକୁ ଭୁଲିଯିବା ।

ଈଶ୍ୱରଙ୍କ ବାକ୍ୟ ଆମକୁ ସତର୍କ କରିଦିଏ ଓ ସ୍ମରଣ କରାଇ ଦିଏ :

* ଦ୍ୱିତୀୟ ବିବରଣ ୬:୧୨ : "... ସାବଧାନ... ସଦାପ୍ରଭୁଙ୍କୁ ପାସୋର ନାହିଁ ।"
* ଦ୍ୱିତୀୟ ବିବରଣ ୮:୨ : "ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଏହି ଚାଳିଶ ବର୍ଷ ପ୍ରାନ୍ତର ମଧ୍ୟରେ ତୁମ୍ଭକୁ ଯେ ସକଳ ପଥରେ ଗମନ କରାଇଅଛନ୍ତି, ତାହା ସ୍ମରଣ କର" ।
* ଗୀତସଂହିତା ୧୦୩:୨ : "ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହାଙ୍କର ମଙ୍ଗଳ ଦାନ ସବୁ ପାସୋର ନାହିଁ ।"
* ୧ ବଂଶାବଳୀ ୧୬:୧୨ : "ତୁମ୍ଭେମାନେ ତାହାଙ୍କ କୃତ ଆଶ୍ଚର୍ଯ୍ୟକ୍ରିୟା, ତାହାଙ୍କ ଅଦ୍ଭୁତ ଲକ୍ଷଣ ଓ ତାହାଙ୍କ ମୁଖନିର୍ଗତ ଶାସନସକଳ ସ୍ମରଣ କର ।"
* ଗୀତସଂହିତା ୭୭:୧୧–୧୨ : "ମୁଁ ସଦାପ୍ରଭୁଙ୍କ କର୍ମ ସବୁ ଉଲ୍ଲେଖ କରିବି, ମୁଁ ପୂର୍ବକାଳର ତୁମ୍ଭ ଆଶ୍ଚର୍ଯ୍ୟକ୍ରିୟା ସବୁ ସ୍ମରଣ କରିବି । ମୁଁ ତୁମ୍ଭର ସମସ୍ତ କର୍ମ ଚିନ୍ତା କରିବି ଓ ତୁମ୍ଭର କ୍ରିୟା ସକଳ ଧ୍ୟାନ କରିବି" ।

ବାଇବଲରେ ବିସ୍ମରଣ କେବଳ ଏକ ସ୍ମୃତିଭ୍ରଂଶ ନୁହେଁ, ଏହା କୃତଜ୍ଞତାର ଏକ ବିଫଳତା ହୋଇପାରେ ।

ଏହା ସେତେବେଳେ ଘଟେ, ଯେତେବେଳେ ଜଣେ ବ୍ୟକ୍ତି ଆଶୀର୍ବାଦ ଉପଭୋଗ କରେ, ମାତ୍ର ଏହାର 'ଉତ୍ସ'କୁ ଅବଜ୍ଞା କରେ । ଏହା ସେତେବେଳେ ଘଟେ, ଯେତେବେଳେ କେହି ଜଣେ ଦୟା ପ୍ରାପ୍ତ ହୁଅନ୍ତି, ମାତ୍ର ତାଙ୍କ ପ୍ରତି ପ୍ରଦର୍ଶିତ ହୋଇଥିବା ଦୟାକୁ ସ୍ୱୀକାର କରନ୍ତି ନାହିଁ, ଏହା ସେତେବେଳେ ଘଟେ, ଯେତେବେଳେ ଲୋକମାନେ ସେମାନଙ୍କ ବର୍ତ୍ତମାନର ସ୍ଥିତିରେ ଆନନ୍ଦ କରନ୍ତି, ମାତ୍ର ଯେଉଁମାନେ ସେମାନଙ୍କୁ ସେହି ସ୍ଥିତିରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ, ସେମାନଙ୍କର ବଳିଦାନ, ପ୍ରାର୍ଥନା ଓ ବିଶ୍ୱସ୍ତତାକୁ ସେମାନେ ଭୁଲିଯାଆନ୍ତି ।

ସମଗ୍ର ବାଇବଲରେ, ଆମେ ଏପରି ଲୋକମାନଙ୍କୁ ଦେଖୁ ଯେଉଁମାନେ ଅନ୍ୟମାନଙ୍କର ଉତ୍ତମତା ଯୋଗୁ ଆଶୀର୍ବାଦ ପାଇଥିଲେ, ଅଥଚ ସେମାନଙ୍କୁ ସ୍ମରଣ କରିବାରେ ବିଫଳ ହୋଇଥିଲେ । କେବଳ ସେମାନଙ୍କୁ ସମାଲୋଚନା କରିବାକୁ ନୁହେଁ, ମାତ୍ର ଆମ ନିମନ୍ତେ ସତର୍କବାଣୀ ଭାବରେ ସେମାନଙ୍କ କାହାଣୀଗୁଡ଼ିକୁ ଲିପିବଦ୍ଧ କରାଯାଇଅଛି ।

ଆମକୁ ଏହି ପ୍ରଶ୍ନ ପଚାରିବାକୁ ହେବ : "ଆମେ କେବେ ଈଶ୍ୱରଙ୍କ ଆଶୀର୍ବାଦ ଉପଭୋଗ କରିବା ପରେ, ସେହି ଲୋକମାନଙ୍କୁ ଭୁଲି ଯାଉଛୁ କି, ଯେଉଁମାନଙ୍କୁ ଈଶ୍ୱର ଆମକୁ ଆଶୀର୍ବାଦ କରିବା ପାଇଁ ବ୍ୟବହାର କରିଥିଲେ ?

## ୧. ବିସ୍ମୃତ ହୋଇ ଯାଇଥିବା ଦୟା : ଯୋଷେଫ ଓ ପାନପାତ୍ର ବାହକ ! ଆଦିପୁସ୍ତକ ୪୦:୪୧ ।

ଯୋଷେଫଙ୍କର ଯାତ୍ରା ପ୍ରତ୍ୟାଖ୍ୟାନ ଓ ନୈରାଶ୍ୟରେ ପରିପୂର୍ଣ୍ଣ ଥିଲା । ତାଙ୍କ ନିଜ ଭାଇମାନେ ତାଙ୍କ ପ୍ରତି ବିଶ୍ୱାସଘାତକତା କରିଥିଲେ, ତାଙ୍କୁ ଦାସ ଭାବରେ ବିକ୍ରି କରି ଦେଇଥିଲେ ଓ ତାଙ୍କୁ ତାଙ୍କ ପରିବାରର ସ୍ୱାଚ୍ଛନ୍ଦ୍ୟଠାରୁ ଦୂରେଇ ଦେଇଥିଲେ । ତଥାପି ଈଶ୍ୱର ମିଶରରେ ତାଙ୍କ ସହିତ ରହିଥିଲେ ।

ପୋଟୀଫରଙ୍କର ପତ୍ନୀଙ୍କର ମିଥ୍ୟା ଅଭିଯୋଗ ପରେ, ଯୋଷେଫଙ୍କୁ କାରାଗାରରେ ନିକ୍ଷେପ କରାଯାଇଥିଲା । ସେଠାରେ ମଧ୍ୟ, ଈଶ୍ୱର ତାଙ୍କୁ ଦୟା ଦେଖାଇଥିଲେ ଓ ତାଙ୍କର ସ୍ୱପ୍ନର ଅର୍ଥ ପ୍ରକାଶ କରିବାର ଅନୁଗ୍ରହ ଦାନକୁ ବ୍ୟବହାର କରିଥିଲେ ।

ଦିନେ ରାଜାଙ୍କର ପାନପାତ୍ର ବାହକ ଓ ସୂପକାରଙ୍କୁ ଯୋଷେଫଙ୍କ ସହିତ ସମାନ କାରାଗାରରେ ରଖାଗଲା । ଉଭୟେ ରାତିରେ ବିଚଳିତକାରୀ ସ୍ୱପ୍ନ ଦେଖିଲେ ଓ ଯୋଷେଫ ଈଶ୍ୱର-ପ୍ରଦତ୍ତ ଜ୍ଞାନଦ୍ୱାରା ସେଗୁଡ଼ିକର ଅର୍ଥ ଜଣାଇ ଦେଇଥିଲେ । ତାଙ୍କର ଅର୍ଥ ସଫଳ ହୋଇଥିଲା ଓ ପାନପାତ୍ରବାହକ ଫାରୋଙ୍କ ପ୍ରାସାଦରେ ନିଜର ପଦବୀ ଫେରି ପାଇଥିଲା ।

ପାନପାତ୍ର ବାହକ କାରାଗାର ପରିତ୍ୟାଗ କରିବା ସମୟରେ, ଯୋଷେଫ ତାଙ୍କୁ ଅତି ସରଳ ଅନୁରୋଧ ଜଣାଇଥିଲେ :

"ତୁମ୍ଭର ମଙ୍ଗଳ ହେଲେ, ମୋତେ ସ୍ମରଣ କରିବ, ପୁଣି ମୋ' ପ୍ରତି ଦୟା କରିବ..." (ଆଦି ୪୦:୧୪) ।

ଯୋଷେଫ କୌଣସି ପୁରସ୍କାର ମାଗି ନ ଥିଲେ, ସେ କେବଳ ତାଙ୍କୁ ସ୍ମରଣ କରିବା ପାଇଁ କହିଥିଲେ ।

କିନ୍ତୁ ବାଇବଲ ଏକ ଦୁଃଖଦାୟକ ବାସ୍ତବତାକୁ ଲିପିବଦ୍ଧ କରିଅଛି :

"ତଥାପି, ପ୍ରଧାନ ପାନପାତ୍ରବାହକ ଯୋଷେଫଙ୍କୁ ସ୍ମରଣ କଲା ନାହିଁ, ମାତ୍ର ତାଙ୍କୁ ପାସୋରି ପକାଇଲା" (ଆଦି ୪୦:୨୩) ।

ପାନପାତ୍ରବାହକ ସୁବିଧା ଫେରି ପାଇଥିଲା, ମାତ୍ର ଯୋଷେଫ କାରାଗାରରେ ରହିଥିଲେ । ଯେଉଁ ବ୍ୟକ୍ତି ଆଶା ପାଇଥିଲା, ସେ ସେହି ବ୍ୟକ୍ତିଙ୍କୁ ଭୁଲି ଯାଇଥିଲା, ଯାହାଙ୍କ ମାଧ୍ୟମରେ, ଈଶ୍ୱର ତାଙ୍କୁ ଭରସା ଦେଇଥିଲେ ।

ବେଳେବେଳେ ଲୋକମାନେ ସେମାନଙ୍କ ପ୍ରତି ପ୍ରଦର୍ଶିତ ହୋଇଥିବା ଦୟାକୁ ଭୁଲି ଯାଆନ୍ତି, କାରଣ ସେମାନେ ନିଜ ନିଜର ଆଶୀର୍ବାଦଗୁଡ଼ିକରେ ବୁଡ଼ି ରହନ୍ତି । ପାନପାତ୍ର ବାହକ ଆଉ କାରାଗାରରେ ନ ଥିଲା, ଆଉ ସେଥିପାଇଁ ହୁଏତ ତା'ର ଅତୀତର ଯନ୍ତ୍ରଣା ଅତିଶୀଘ୍ର ନିସ୍ତେଜ ହୋଇ ଯାଇଥିଲା । ତା'ର ସ୍ୱାଧୀନତା ଯୋଷେଫଙ୍କ ଦୁଃଖ ଅପେକ୍ଷା ତା' ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ।

ମାତ୍ର ମନୁଷ୍ୟର ବିସ୍ମରଣକାରୀ ଗୁଣ ଈଶ୍ୱରଙ୍କ ଦୟାକୁ ଆଦୌ ବାତିଲ କରେ ନାହିଁ ।

ଆହୁରି ଦୁଇ ବର୍ଷ ଧରି, ଯୋଷେଫ ମନୁଷ୍ୟ ଦ୍ୱାରା ବିସ୍ମୃତ ହୋଇ ରହିଲେ, ମାତ୍ର ସେ ଈଶ୍ୱରଙ୍କ ଦ୍ୱାରା ଆଦୌ ବିସ୍ମୃତ ହୋଇ ନ ଥିଲେ । ଆମେନ୍ !

ନିରୂପିତ ସମୟରେ, ଈଶ୍ୱର ଏପରି ଏକ ଦ୍ୱାର ଖୋଲିଥିଲେ ଯାହାକୁ କୌଣସି ମନୁଷ୍ୟ କେବେ ବନ୍ଦ କରି ପାରି ନ ଥିଲା । ଯୋଷେଫ ଗୋଟିଏ ଦିନରେ କାରାଗାର ମଧ୍ୟରୁ ରାଜପ୍ରାସାଦକୁ ସ୍ଥାନାନ୍ତରିତ ହୋଇଥିଲେ ।

ପ୍ରିୟ ଭାଇ ଓ ଭଉଣୀମାନେ, ଏହି କାହାଣୀ ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଲୋକମାନେ ଆମକୁ ସ୍ମରଣ କରନ୍ତୁ କିମ୍ବା ନ କରନ୍ତୁ ଓ ଆମେ ଯାହା କରିଛୁ, ତାହାକୁ ସ୍ୱୀକୃତି ଦିଅନ୍ତୁ କିମ୍ବା ନ ଦିଅନ୍ତୁ, ଏହା ଆମର ମୂଲ୍ୟକୁ ମାପ କରିବ ନାହିଁ । ଆମର ପୁରସ୍କାର କେବଳ ମନୁଷ୍ୟର ସ୍ୱୀକୃତିରୁ ଆସେ ନାହିଁ । ଈଶ୍ୱର ପ୍ରତ୍ୟେକ ଦୟାର କାର୍ଯ୍ୟ, ପ୍ରତ୍ୟେକ ସ୍ୱାର୍ଥତ୍ୟାଗ ଓ ପ୍ରତ୍ୟେକ ବିଶ୍ୱସ୍ତତାର ମୁହୂର୍ତ୍ତକୁ ଦେଖନ୍ତି ।

ଉତ୍ସାହିତ ହୁଅନ୍ତୁ :

"... ତୁମ୍ଭମାନଙ୍କର ଯେଉଁ ପିତା ଗୋପନରେ ଦେଖନ୍ତି, ସେ ପ୍ରକାଶ୍ୟରେ ତୁମ୍ଭମାନଙ୍କୁ ପୁରସ୍କୃତ କରିବେ" (ମାଥିଉ ୬:୬) ।

କିନ୍ତୁ, ଏହି କାହାଣୀ ଆମକୁ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଆହ୍ୱାନ ଜଣାଏ :

* ଆମକୁ ସାହାଯ୍ୟ କରିଥିବା କେଉଁ ଲୋକମାନଙ୍କୁ ଆମେ ଭୁଲିଯାଇଛୁ ?
* ଯେତେବେଳେ ଆମେ ସଂଘର୍ଷ କରୁଥିଲୁ, ସେତେବେଳେ କିଏ ଆମ ନିମନ୍ତେ ପ୍ରାର୍ଥନା କରିଥିଲେ ?
* ଆମେ ଅଧାରୁ ଛାଡ଼ି ଦେବା ପାଇଁ ଇଚ୍ଛା କରୁଥିବା ସମୟରେ, କିଏ ଆମକୁ ଉତ୍ସାହିତ କରିଥିଲେ ?

ଆମେ ଏପରି ଲୋକ ହେବା ଅନୁଚିତ ଯେଉଁମାନେ ଆଶୀର୍ବାଦଗୁଡ଼ିକୁ ମନେରଖନ୍ତି, ମାତ୍ର ସେମାନଙ୍କ ବୋଝ ବୋହିବାରେ ସାହାଯ୍ୟ କରିଥିବା ଲୋକମାନଙ୍କୁ ଭୁଲିଯାଆନ୍ତି ।

## ୨. ବିସ୍ମୃତ ପିତା : ଯୋୟାଶ ଓ ଯିହୋୟାଦା ୨ ବଂଶାବଳୀ ୨୪ !

ରାଜା ଯୋୟାଶଙ୍କ କାହାଣୀ ବିଶ୍ୱସ୍ତତାକୁ ଭୁଲିଯିବା ସମ୍ବନ୍ଧରେ ଏକ ଅତି ଦୁଃଖଦ ଦୃଷ୍ଟାନ୍ତ ଅଟେ ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ସେପ୍ଟେମ୍ବର ୧୯ ⇨ ଆମର ମିଶନ କାର୍ଯ୍ୟକାରୀମାନଙ୍କର ଅସାଧାରଣ ପ୍ରତିବଦ୍ଧତା ଓ ବିଶ୍ୱସ୍ତ ସେବା ନିମନ୍ତେ ।

ସେପ୍ଟେମ୍ବର ୨୦ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଙ୍ଘ ସଙ୍ଘୀ, ବିଶ୍ୱାସ ସାଥୀ, ଆହ୍ୱାନର ସଙ୍ଘ, ମହା ଆଦେଶ ସାଥୀ, ଅନୁରୋଧ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ତାଙ୍କର ପ୍ରଚୁର ଦୟା ନିମନ୍ତେ ।

ସେପ୍ଟେମ୍ବର ୨୧ ⇨ ଆମ ମୁଖ୍ୟ ମଣ୍ଡଳୀରେ ଯୋଗ ଦେଇଥିବା ନୂତନ ବିଶ୍ୱାସୀମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ସେପ୍ଟେମ୍ବର ୨୨ ⇨ ଆମର ଉଭୟ ମୁଖ୍ୟ ଉପାସନାଳୟରେ ଓ ଶାଖା ମଣ୍ଡଳୀଗୁଡ଼ିକରେ ରବିବାର ଉପାସନା ମାଧ୍ୟମରେ କାର୍ଯ୍ୟ କରୁଥିବା ଈଶ୍ୱରଙ୍କ ବାକ୍ୟର ଶକ୍ତି ନିମନ୍ତେ ।

ସେପ୍ଟେମ୍ବର ୨୩ ⇨ ଆମର ଛାପାଖାନା ଓ ଏହାର ସମର୍ପିତ ଦକ୍ଷ କର୍ମଚାରୀମାନଙ୍କର ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ।

ସେପ୍ଟେମ୍ବର ୨୪ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି' ଯୁ-ଟ୍ୟୁବ ଗଣ-ମାଧ୍ୟମ ସେବାକାର୍ଯ୍ୟର ଦୃଶ୍ୟ-ମିଳିତ୍ର ବାର୍ତ୍ତା ମାଧ୍ୟମରେ ପରିବର୍ତ୍ତିତ ଜୀବନଗୁଡ଼ିକର ସାକ୍ଷ୍ୟ ନିମନ୍ତେ ।

ସେପ୍ଟେମ୍ବର ୨୫ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଆମର ବାଇବଲ କରେସ ପଣ୍ଡେସ ପାଠ୍ୟକ୍ରମ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ସେପ୍ଟେମ୍ବର ୨୬ ⇨ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ସେବାକାର୍ଯ୍ୟକୁ ବିଶ୍ୱସ୍ତଭାବେ ସହାୟତା ପ୍ରଦାନ କରୁଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୨୭ ⇨ ଆମର ବରିଷ୍ଠ ପାଳକ, ଏସ୍.ସାମ୍ ସେଲଭାରାଜ ଓ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ଘୋଷଣା ପ୍ରତି ତାଙ୍କର ଅଟଳ ସମର୍ପଣ ନିମନ୍ତେ ।

ସେପ୍ଟେମ୍ବର ୨୮ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲଭାରାଜ୍ ଓ ତାଙ୍କ ପରିବାରକୁ ସ୍ୱର୍ଗୀୟ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଓ ଶକ୍ତି ଯୋଗାଇ ଦେଇଥିବାରୁ ।

ସେପ୍ଟେମ୍ବର ୨୯ ⇨ ଏକ ଭବ୍ୟ ଓ ଆଶୀର୍ବାଦପୂର୍ଣ୍ଣ ମାର୍ଗରେ ନିହିମିୟା ବାଇବଲ କଲେଜର ସମାବର୍ତ୍ତନ ଉତ୍ସବକୁ ପରିଚାଳନା କରିବାରେ ସାହାଯ୍ୟ କରିଥିବାରୁ ।

ସେପ୍ଟେମ୍ବର ୩୦ ⇨ ଆମର ସେବାକାର୍ଯ୍ୟର ଯାନଗୁଡ଼ିକୁ ଓ ଆମର ଗାଡ଼ି ଚାଳକମାନଙ୍କୁ ସୁରକ୍ଷା ଦେଇଥିବାରୁ ।

ଅକ୍ଟୋବର ୧ ⇨ ଆମର ଡାକ୍ତରଖାନା ସେବାକାର୍ଯ୍ୟ ମାଧ୍ୟମରେ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିବାରୁ ।

ଅକ୍ଟୋବର ୨ ⇨ ଆମର ମୁଖ୍ୟ ଉପାସନାଳୟରେ ମହିଳା ସହଭାଗିତାକୁ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୩ ⇨ ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର ସେବାକାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଅକ୍ଟୋବର ୪ ⇨ ଆମର ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଅକ୍ଟୋବର ୫ ⇨ ବିଶ୍ୱରେ ଅସ୍ଥିରତା ଓ ଯୁଦ୍ଧର ଭୟ ମଧ୍ୟରେ ସମସ୍ତ ଦେଶ ଉପରେ ଈଶ୍ୱରଙ୍କର ସୁରକ୍ଷା ନିମନ୍ତେ । ସମଗ୍ର ପୃଥିବୀରେ ଶାନ୍ତି, ସ୍ଥିରତା ଓ ମିଳନ ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ ।

ଅକ୍ଟୋବର ୬ ⇨ ବିଶ୍ୱ-ଅର୍ଥନୈତିକ ସଙ୍କଟ ଯେପରି ଶେଷ ହେବ ଓ ଦୁଃଖ ଭୋଗ କରୁଥିବା ଲୋକମାନେ ଯେପରି ଆଶ୍ୱସ୍ତି ଓ ଆଶା ପ୍ରାପ୍ତ ହେବ ।

ଅକ୍ଟୋବର ୭ ⇨ ଈଶ୍ୱର ଯେପରି ସମଗ୍ର ଜଗତର ଲୋକମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବେ ।

ଅକ୍ଟୋବର ୮ ⇨ ଆମର ସେବାକାର୍ଯ୍ୟର ଆବଶ୍ୟକତାଗୁଡ଼ିକ ଯେପରି ଈଶ୍ୱରଙ୍କର ପ୍ରଚୁର ଧନ ଅନୁସାରେ ପୂରଣ ହେବ ।

ଅକ୍ଟୋବର ୯ ⇨ ଶାସନ ଓ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ଦେଶଗୁଡ଼ିକ ମଧ୍ୟରେ ଏକତା, ଶାନ୍ତି, ଜ୍ଞାନ ଓ ଅଗ୍ରଗତି ନିମନ୍ତେ ।

ଅକ୍ଟୋବର ୧୦ ⇨ ଆମର ସମସ୍ତ ସେବାକାର୍ଯ୍ୟର ଯେପରି ନିରନ୍ତର ବୃଦ୍ଧି ଓ ସଂପ୍ରସାରଣ ହେବ ଓ ଆମେ ଯେପରି ଆହୁରି ଅନେକ ଲୋକଙ୍କ ନିକଟରେ ସୁସମାଚାର ପହଞ୍ଚାଇପାରିବୁ ।

ଅକ୍ଟୋବର ୧୧ ⇨ ସମସ୍ତ ଦେଶ ନିମନ୍ତେ ଦୃଢ଼ ସୀମା ସୁରକ୍ଷା ଓ ଧାର୍ମିକ, ଦକ୍ଷ ଶାସନ ଯୋଗାଇବା ପାଇଁ ।

ଅକ୍ଟୋବର ୧୨ ⇨ ସମସ୍ତ ବିଦ୍ୟାଳୟର ପିଲାମାନଙ୍କ ଉପରେ ଈଶ୍ୱରଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଅକ୍ଟୋବର ୧୩ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକ ନିମନ୍ତେ ।

ଅକ୍ଟୋବର ୧୪ ⇨ ଆମେ ପୃଥିବୀରେ ଈଶ୍ୱରଙ୍କ ରାଜ୍ୟ ନିର୍ମାଣ କରୁଥିବା ସମୟରେ, ସେ ଯେପରି ଆମକୁ ଶ୍ରେଷ୍ଠତର ଦର୍ଶନ, ଜ୍ଞାନ ଓ ଚାଳନା ପ୍ରଦାନ କରିବେ ।

ଅକ୍ଟୋବର ୧୫ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରକୁ ପ୍ରତ୍ୟେକ ମନ୍ଦଶକ୍ତି ଓ ବିପଦରୁ ସ୍ୱର୍ଗୀୟ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଓ ନିରାପତ୍ତା ଯୋଗାଇ ଦେବା ନିମନ୍ତେ ।

ଅକ୍ଟୋବର ୧୬ ⇨ ସମଗ୍ର ପୃଥିବୀର ବନ୍ଦୀମାନଙ୍କ ପରିତ୍ରାଣ ନିମନ୍ତେ ।

ଅକ୍ଟୋବର ୧୭ ⇨ ଆମ ଦେଶର ଯୁବକ ଯୁବତୀମାନେ ଯେପରି ଈଶ୍ୱରଙ୍କ ସହିତ ଘନିଷ୍ଠଭାବେ ଗମନାଗମନ କରିବେ ଓ ତାଙ୍କ ବାକ୍ୟ ଅନୁସାରେ ଜୀବନ କାଟିବେ ।

ଅକ୍ଟୋବର ୧୮ ⇨ ଯେଉଁମାନେ ପ୍ରତ୍ୟେକ ଦେଶର ପୁନର୍ଜାଗରଣ ନିମନ୍ତେ ବିଶ୍ୱସ୍ତଭାବରେ ନିବେଦନ କରିବେ, ଏହିପରି ପ୍ରାର୍ଥନା ଯୋଦ୍ଧାମାନଙ୍କୁ ବହୁ ସଂଖ୍ୟାରେ ଯୋଗାଇ ଦେବା ପାଇଁ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଯୋୟାଶ ମାତ୍ର ୭ ବର୍ଷ ବୟସରେ ଯିହୁଦାର ରାଜା ହୋଇଥିଲେ । ତାଙ୍କର ଜୀବିତ ରହିବା ଏକ ଅଲୌକିକ ବିଷୟ ଥିଲା ।

ଯେତେବେଳେ ତାଙ୍କର ପିତାମହୀ ଅଥଲିୟା ରାଜକୀୟ ପରିବାରକୁ ବିନାଶ କରିବା ପାଇଁ ଚେଷ୍ଟା କରିଥିଲେ, ସେତେବେଳେ ଯୋୟାଶଙ୍କୁ ଉଦ୍ଧାର କରାଯାଇ ମନ୍ଦିର ଭିତରେ ଲୁକ୍କାୟିତ ଭାବେ ରଖା ଯାଇଥିଲା ।

ଯେଉଁ ବ୍ୟକ୍ତି ତାଙ୍କୁ ସୁରକ୍ଷା ଦେଇଥିଲେ, ସେ ଥିଲେ, ଧର୍ମଯାଜକ ଯିହୋୟାଦା ।

ଯିହୋୟାଦା କେବଳ ଯୋୟାଶଙ୍କର ଜୀବନ ବଞ୍ଚାଇଥିଲେ, ତା' ନୁହେଁ । ସେ ତାଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ, ଈଶ୍ୱରଙ୍କ ମାର୍ଗ ବିଷୟରେ ଶିକ୍ଷା ଦେଇଥିଲେ ଓ ଯିହୁଦାରେ ପ୍ରକୃତ ଉପାସନାର ପୁନଃସ୍ଥାପନ କରିଥିଲେ । ଯିହୋୟାଦାଙ୍କର ନେତୃତ୍ୱ ଅଧୀନରେ, ଯୋୟାଶ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ଯଥାର୍ଥ, ତାହା କରିଥିଲେ ।

ଅନେକ ବର୍ଷ ଧରି, ଯୋୟାଶ ଈଶ୍ୱରଙ୍କର ଏହି ବିଶ୍ୱସ୍ତ ଦାସଙ୍କର ଜ୍ଞାନ ଓ ଆତ୍ମିକ ଚାଳନାରୁ ଉପକୃତ ହୋଇଥିଲେ । ମାତ୍ର ଯିହୋୟାଦାଙ୍କ ମୃତ୍ୟୁ ପରେ, ସବୁକିଛି ପରିବର୍ତ୍ତିତ ହୋଇଥିଲା ।

ଯୋୟାଶ ଅଧାର୍ମିକ ପରାମର୍ଶଦାତା ମାନଙ୍କର ପରାମର୍ଶ ଶୁଣି ପ୍ରଭୁଙ୍କଠାରୁ ବିମୁଖ ହୋଇଥିଲେ । ସେ ସେହି ଈଶ୍ୱରଙ୍କୁ ପରିତ୍ୟାଗ କରିଥିଲେ, ଯାହା ଅନୁଗାମୀ ହେବା ପାଇଁ ଯିହୋୟାଦା ତାଙ୍କୁ ଶିକ୍ଷା ଦେଇଥିଲେ ।

ବାଇବଲରେ ଲେଖାଅଛି :

"ଏହିରୂପେ ତାହାର ପିତା ଯିହୋୟାଦା ଯୋୟାଶ ରାଜାଙ୍କ ପ୍ରତି ଯେଉଁ ଦୟା ପ୍ରକାଶ କରିଥିଲେ, ତାହା ସ୍ମରଣ କରି ନ ଥିଲେ..." (୨ ବଂଶାବଳୀ ୨୪:୨୨) ।

- ଯେଉଁ ବ୍ୟକ୍ତି ତାଙ୍କର ଜୀବନ ରକ୍ଷା କରିଥିଲେ, ସେ ବିସ୍ମୃତ ହୋଇଥିଲେ ।
- ଯେଉଁ ଶିକ୍ଷକ ତାଙ୍କୁ ପଥ ଦେଖାଇଥିଲେ, ସେ ବିସ୍ମୃତ ହୋଇଥିଲେ ।

ଏହା ଆମ ସମସ୍ତଙ୍କ ନିମନ୍ତେ ଏକ ସତର୍କ ବାଣୀ ଅଟେ ।

ଅନେକ ଲୋକ ଆଜି ଯେଉଁଠାରେ ଅଛନ୍ତି, ସେଠାରେ ରହିବାର କାରଣ ହେଉଛି, କେହି ଜଣେ ତାଙ୍କଠାରେ ବିନିଯୋଗ କରିଥିଲେ ।

ଜଣେ ପିତା/ମାତା ପ୍ରାର୍ଥନା କରିଥିଲେ ।

ଜଣେ ପାଳକ ଶିକ୍ଷା ଦେଇଥିଲେ ।

ଜଣେ ବନ୍ଧୁ ଉତ୍ସାହିତ କରିଥିଲେ ।

ଜଣେ ଡାକ୍ତରନେତା ସ୍ୱାର୍ଥତ୍ୟାଗ କରିଥିଲେ ।

ମାତ୍ର ସଫଳତା ଆତ୍ମିକ ସ୍ମୃତିଭ୍ରଂଶ ସୃଷ୍ଟି କରିପାରେ । ଯେତେବେଳେ ଲୋକମାନେ ପ୍ରଭାବଶାଳୀ ସ୍ଥିତିରେ ପହଞ୍ଚନ୍ତି, ସେତେବେଳେ ସେମାନେ ସେହି ଲୋକମାନଙ୍କୁ ଭୁଲି ଯାଇପାରନ୍ତି, ଯେଉଁମାନେ ସେମାନଙ୍କୁ ଉନ୍ନତ ହେବାରେ ସାହାଯ୍ୟ କରିଥିଲେ ।

କେହି କେବେ ଏକାକୀ ବୃଦ୍ଧି ପାଏ ନାହିଁ ବୋଲି ଆମକୁ ମନେ ରଖିବାକୁ ହେବ ।

ଜଣେ କୃତଜ୍ଞ ବିଶ୍ୱାସୀ ସେହି ଲୋକମାନଙ୍କୁ ସମ୍ମାନ ଦେଖାଏ, ଯେଉଁମାନଙ୍କୁ ଈଶ୍ୱର ତା'ର ଯାତ୍ରାରେ ବ୍ୟବହାର କରିଥିଲେ ।

## ୩. ବିସ୍ମୃତ ବିଶ୍ୱସ୍ତତା : ନାବଲ ଓ ଦାଉଦ (୧ ଶାମୁୟେଲ ୨୫) ।

ନାବଲ ଜଣେ ଧନୀ ବ୍ୟକ୍ତି ଥିଲେ । ତାଙ୍କ ନିକଟରେ ହଜାର ହଜାର ମେଷ ଓ ଛାଗ ଥିଲା । ତାଙ୍କ ନିକଟରେ ସମୃଦ୍ଧି, ସମ୍ମାନ ଓ ସୁରକ୍ଷା ଥିଲା ।

ମାତ୍ର ତାଙ୍କ ସଫଳତା ପଛରେ ଏକ ଅଦୃଶ୍ୟ ଆଶୀର୍ବାଦ ଥିଲା : ସୁରକ୍ଷା ।

ଦାଉଦ ଓ ତାଙ୍କର ସଙ୍ଗୀମାନେ ପ୍ରାନ୍ତର ମଧ୍ୟରେ ଥିବା ସମୟରେ, ସେମାନେ ନାବଲଙ୍କର ମେଷ ଓ ପଶୁଗୁଡ଼ିକୁ ସୁରକ୍ଷା ଦେଉଥିଲେ । ସେମାନେ ତାଙ୍କ ସଂପତ୍ତିର ଚତୁର୍ଦ୍ଦିଗରେ ଏକ ସୁରକ୍ଷାର ପ୍ରାଚୀର ସଦୃଶ ଥିଲେ । ସେମାନେ ନାବଲଙ୍କଠାରୁ କୌଣସି ସୁବିଧା ନେଉ ନ ଥିଲେ କିମ୍ବା ତାଙ୍କଠାରୁ ଚୋରି କରୁ ନ ଥିଲେ ।

ମେଷଲୋମ-ଚ୍ଛେଦନ ପର୍ବ ଉପସ୍ଥିତ ହେବାରୁ, ଦାଉଦ କିଛି ଦ୍ରବ୍ୟ ଯୋଗାଇ ଦେବା ନିମନ୍ତେ ଅନୁରୋଧ କଣାଇ ତାଙ୍କ ଦାସମାନଙ୍କୁ ତାଙ୍କ ନିକଟକୁ ପ୍ରେରଣ କରିଥିଲେ ।

କୃତଜ୍ଞତା ପ୍ରଦର୍ଶନ କରିବା ପରିବର୍ତ୍ତେ, ନାବଲ ଅହଙ୍କାର ପ୍ରଦର୍ଶନ କରିଥିଲେ । ସେ ଦାଉଦଙ୍କୁ ତାଙ୍କର ପରିଚୟ ମାଗିଥିଲେ ଓ ଦାଉଦ ଓ ତାଙ୍କ ଲୋକମାନେ ଯୋଗାଇ ଦେଇଥିବା ସେବାକୁ ତୁଚ୍ଛ କରିଥିଲେ ।

ନାବଲ ସୁରକ୍ଷା ଉପଭୋଗ କରିଥିଲେ, ମାତ୍ର ସୁରକ୍ଷାଦାତାଙ୍କୁ ଭୁଲି ଯାଇଥିଲେ ।

ସେ ଦାଉଦଙ୍କ ବିଶ୍ୱସ୍ତତା ଯୋଗୁ ଉପକୃତ ହୋଇଥିଲେ, ମାତ୍ର ଏହାକୁ ସ୍ୱୀକାର କରି ନ ଥିଲେ । ଏହା ଏକ ସାଧାରଣ ମାନବ ପ୍ରବୃତ୍ତି ଅଟେ । ଲୋକମାନେ ଯାହା କରିବାରେ ବିଫଳ ହୁଅନ୍ତି, ତାହାକୁ ଆମେ ପ୍ରାୟ ଲକ୍ଷ୍ୟ କରୁ, ମାତ୍ର ସେମାନେ ଯାହା କରି ପାରିଥାଆନ୍ତି, ତାହାକୁ ଅଣଦେଖା କରୁ । ଆମେ କୌଣସି ଜଣେ ବ୍ୟକ୍ତିଙ୍କର ଦୟା ସହିତ ଅଭ୍ୟସ୍ତ ହୋଇଯାଉ ଓ ଏହାକୁ ଆଶା କରିବା ଆରମ୍ଭ କରିଦେଉ । ଯାହା ଦିନେ ଆମକୁ ଆଶ୍ଚର୍ଯ୍ୟାନ୍ୱିତ କରୁଥିଲା, ତାହା ସ୍ୱାଭାବିକ ହୋଇଯାଏ ।

ପରିବାରଗୁଡ଼ିକ ଏହାର ଅନୁଭୂତି ପାଇପାରନ୍ତି । ମଣ୍ଡଳୀଗୁଡ଼ିକ ଏହାର ଅନୁଭୂତି ପାଇପାରନ୍ତି । ବନ୍ଧୁତା ଏହାର ଅନୁଭୂତି ପାଇପାରେ ।

- ଜଣେ ସ୍ୱାମୀ ନିଜ ସ୍ତ୍ରୀର ବଳିଦାନକୁ ଓ ଜଣେ ସ୍ତ୍ରୀ ନିଜ ସ୍ୱାମୀର ବଳିଦାନକୁ ଭୁଲିଯାଇପାରନ୍ତି ।
- ପିଲାମାନେ ସେମାନଙ୍କ ପିତାମାତାଙ୍କର ବଳିଦାନକୁ ଭୁଲିଯାଇ ପାରନ୍ତି ।
- ବିଶ୍ୱାସୀମାନେ ସେହି ଲୋକମାନଙ୍କର ପ୍ରାର୍ଥନା ଓ ଉତ୍ସାହ ବାଣୀକୁ ଭୁଲି ଯାଇପାରନ୍ତି ଯେଉଁମାନେ ସେମାନଙ୍କ ସହିତ ଠିଆ ହୋଇଥିଲେ ।

କୃତଜ୍ଞତା ପାଇଁ ଉଦ୍ଦେଶ୍ୟମୂଳକ ସ୍ମରଣ ଆବଶ୍ୟକ ହୁଏ ।

ଈଶ୍ୱର ଆମକୁ ସେହି ଲୋକମାନଙ୍କୁ ସ୍ମରଣ କରିବାରେ ସାହାଯ୍ୟ କରନ୍ତୁ, ଯେଉଁମାନେ ଆମକୁ, ବର୍ତ୍ତମାନ ଆମେ ଯାହା ଅଛୁ, ତାହା ହେବାରେ ଓ ଆଜି ଆମେ ଯେଉଁଠାରେ ଅଛୁ, ସେଠାରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ ।


ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ

ଥିଓଲୋଜିରେ ଡିପ୍ଲୋମା & Bachelor of Theology

Chepauk & Santhoshapuram, Velachery Chennai.

ମାଧ୍ୟମ - ତାମିଲ (Part Time)

ମାଧ୍ୟମ - ହିନ୍ଦୀ (Part Time)

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ ! ଯୋଗାଯୋଗ

ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ

ବିଗତ ୫୭ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିୟାନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

Contact : The Chairman, Nehemiah Bible College.

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.

Phone : (+91-44) 2852 8282, Cell : (+91) 98410 71852 / 95661 31858

E.mail : sam@echoofhiscall.org / Website : www.echoofhiscall.org

## ୪. ବିସ୍ମୃତ ସ୍ୱାଧୀନତା : ଗିଦିୟୋନ ଓ ଇସ୍ରାଏଲ, ବିଚାରକର୍ତ୍ତା ୮ ।

ଗିଦିୟୋନଙ୍କ କାହାଣୀ ଭୟରୁ ଆରମ୍ଭ ହୋଇଥିଲା । ଈଶ୍ୱର ତାଙ୍କୁ ଆହ୍ୱାନ କରିବା ସମୟରେ, ସେ ଲୁଚିଥିଲେ । ସେ ନିଜକୁ ଦୁର୍ବଳ ଓ ଗୁରୁତ୍ୱହୀନ ଭାବରେ ଦେଖୁଥିଲେ, ମାତ୍ର ଈଶ୍ୱର ତାଙ୍କୁ ଜଣେ ପରାକ୍ରମୀ ଯୋଦ୍ଧା ଭାବରେ ଦେଖୁଥିଲେ ।

''ସେଠାରେ ସଦାପ୍ରଭୁଙ୍କ ଦୂତ ତାହାଙ୍କୁ ଦର୍ଶନ ଦେଇ କହିଲେ, 'ହେ ମହା ବିକ୍ରମଶାଳୀ ଲୋକ, ସଦାପ୍ରଭୁ ତୁମ୍ଭ ସଙ୍ଗେ ଅଛନ୍ତି'' (ବିଚାରକର୍ତ୍ତା ୬:୧୨) ।

ଈଶ୍ୱର ଗିଦିୟୋନଙ୍କ ବାଧ୍ୟତା ମାଧ୍ୟମରେ ଇସ୍ରାଏଲକୁ ମିଦିୟନୀୟମାନଙ୍କ ହାତରୁ ଉଦ୍ଧାର କରିଥିଲେ । କେବଳ ୩୦୦ ଲୋକଙ୍କ ସହିତ ଗିଦିୟୋନ ବାଇବଲରେ ଉଲ୍ଲିଖିତ ଗୋଟିଏ ସର୍ବଶ୍ରେଷ୍ଠ ବିଜୟର ଅନୁଭୂତି ପାଇଥିଲେ ।

ଈଶ୍ୱର ଗିଦିୟୋନଙ୍କ ମାଧ୍ୟମରେ କାର୍ଯ୍ୟ କରିଥିବାରୁ, ଦେଶ ଶାନ୍ତି ଉପଭୋଗ କରିଥିଲା ।

ମାତ୍ର ଗିଦିୟୋନଙ୍କ ମୃତ୍ୟୁ ପରେ, ଇସ୍ରାଏଲ ଅତି ଶୀଘ୍ର ଭୁଲି ଯାଇଥିଲା ।

ବାଇବଲରେ ଲେଖାଅଛି :

''...ଚତୁର୍ଦ୍ଦିଗସ୍ଥିତ ଶତ୍ରୁଗଣ ହସ୍ତରୁ ଇସ୍ରାଏଲ ସନ୍ତାନ ଗଣଙ୍କୁ ରକ୍ଷା କରିଥିଲେ ଯେ ସଦାପ୍ରଭୁ ସେମାନଙ୍କ ପରମେଶ୍ୱର, ତାହାଙ୍କୁ ସେମାନେ ସ୍ମରଣ କଲେ ନାହିଁ'' (ବିଚାରକର୍ତ୍ତା ୮:୩୪) ।

ସେମାନେ ଗିଦିୟୋନଙ୍କ ପରିବାର ପ୍ରତି ମଧ୍ୟ ଦୟା ଦେଖାଇ ନ ଥିଲେ ।

ଲୋକମାନେ ବିଜୟକୁ ମନେ ରଖିଥିଲେ, ମାତ୍ର ଗିଦିୟୋନଙ୍କ ମାଧ୍ୟମରେ ଈଶ୍ୱର ସେମାନଙ୍କୁ ଯେଉଁ ଉଦ୍ଧାର ପ୍ରଦର୍ଶନ କରିଥିଲେ, ତାହାକୁ ସେମାନେ ଭୁଲି ଯାଇଥିଲେ ।

ଏହା ଆମ ସମସ୍ତଙ୍କ ପାଇଁ ଏକ ବିପଦ ଅଟେ ।

ଆମେ ଫଳରେ ଆନନ୍ଦ କରୁ, ମାତ୍ର ସାହାଯ୍ୟକୁ ଭୁଲିଯାଉ । ଆମେ ଉତ୍ତରପ୍ରାପ୍ତ ପ୍ରାର୍ଥନାକୁ ଉପଭୋଗ କରିପାରୁ, ମାତ୍ର ଯିଏ ସେଗୁଡ଼ିକର ଉତ୍ତର ଦେଇଥିଲେ, ତାହାଙ୍କୁ ଭୁଲିଯାଉ ।

ଇସ୍ରାଏଲ ନିକଟରେ ଯେ ଆଶୀର୍ବାଦର ଅଭାବ ଥିଲା, ଏହା ସେମାନଙ୍କର ସବୁଠାରୁ ବଡ଼ ସମସ୍ୟା ନ ଥିଲା । ସେମାନଙ୍କର ସମସ୍ୟା ଏହା ଥିଲା ଯେ ସେମାନେ ସେହି ଆଶୀର୍ବାଦଗୁଡ଼ିକର ଉତ୍ସକୁ ଭୁଲି ଯାଇଥିଲେ ।

ପ୍ରତ୍ୟେକ ଆଶୀର୍ବାଦ ଆମକୁ ଈଶ୍ୱରଙ୍କଠାରୁ ଦୂରକୁ ନ ନେଇ, ତାଙ୍କର ଅତି ନିକଟକୁ କଢ଼ାଇ ନେବା ଉଚିତ୍ ।

ଦୁର୍ଭାଗ୍ୟବଶତଃ, ଏହା ବର୍ତ୍ତମାନ ଜଗତର ଗୋଟିଏ ବଡ଼ ଆହ୍ୱାନ ଅଟେ । ଆମେ ଈଶ୍ୱରଙ୍କୁ ଆଶୀର୍ବାଦ ମାଗୁ, ମାତ୍ର କେବେ କେବେ ଆମର ସେହି ଆଶୀର୍ବାଦ ଆମକୁ ତାଙ୍କର ନିକଟବର୍ତ୍ତୀ କରିବା ପରିବର୍ତ୍ତେ, ତାଙ୍କଠାରୁ ଦୂରକୁ ନେଇଯିବା ଆରମ୍ଭ କରେ ।

## ୫. ବିସ୍ମୃତ ସୁସ୍ଥକାରୀ : ଦଶ ଜଣ କୁଷ୍ଠରୋଗୀ ଓ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ । ଲୂକ ୧୭

ବୋଧହୁଏ, ବିସ୍ମୃତି ସମ୍ବନ୍ଧରେ ଗୋଟିଏ ସର୍ବାଧିକ ଶକ୍ତିଶାଳୀ ଚିତ୍ର ଦଶ ଜଣ କୁଷ୍ଠରୋଗୀଙ୍କ କାହାଣୀରେ ମିଳେ ।

କୁଷ୍ଠ ଗୋଟିଏ ଧ୍ୱଂସକାରୀ ରୋଗ ଥିଲା । ଯେଉଁମାନେ ଏହି ରୋଗର ଶୀକାର ହେଉଥିଲେ, ସେମାନଙ୍କୁ ସମାଜରୁ ବାହାର କରାଯାଉଥିଲା, ସେମାନେ ସ୍ୱାଭାବିକ ଜୀବନ କାଟିପାରୁ ନ ଥିଲେ ଓ ସେମାନଙ୍କୁ ସମାଜଚ୍ୟୁତ କରାଯାଉଥିଲା ।

ଦଶ ଜଣ କୁଷ୍ଠୀ ଯୀଶୁଙ୍କୁ ଦେଖି ଉଚ୍ଚ ସ୍ୱରରେ କହିଲେ :

''ହେ ଯୀଶୁ, ଗୁରୁ ଆମ୍ଭମାନଙ୍କୁ ଦୟା କରନ୍ତୁ'' (ଲୂକ ୧୭:୧୩) ।

ଯୀଶୁ ଖ୍ରୀଷ୍ଟ ଦୟା ଦେଖାଇ ସେମାନଙ୍କୁ ସୁସ୍ଥ କରିଥିଲେ ।

* ଦଶ ଜଣଙ୍କର ଜୀବନ ପରିବର୍ତ୍ତିତ ହୋଇଥିଲା ।
* ଦଶ ଜଣ ଲୋକ ଦ୍ୱିତୀୟ ସୁଯୋଗ ପାଇଥିଲେ ।
* ଦଶ ଜଣ ଈଶ୍ୱରଙ୍କ ଶକ୍ତିର ଅନୁଭୂତି ପାଇଥିଲେ ।
* ମାତ୍ର କେବଳ ଜଣେ ଫେରି ଆସିଥିଲା ।

''ସେଥିରେ ଯୀଶୁ ଉତ୍ତର ଦେଲେ, ଦଶ ଜଣ କ'ଣ ଶୁଚି ହେଲେ ନାହିଁ ? ତେବେ ଆଉ ନଅ ଜଣ କାହିଁନ୍ତି ?'' – ଲୂକ ୧୭:୧୭

ନଅ ଜଣ ଅଲୌକିକତାର ସ୍ପର୍ଶ ପାଇଥିଲେ, ମାତ୍ର ସେହି ଅଲୌକିକ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଭୁଲି ଯାଇଥିଲେ ।

ସେମାନେ ସୁସ୍ଥତା ପାଇଥିଲେ, ମାତ୍ର ଧନ୍ୟବାଦ ଓ ପ୍ରଣାମ ଜଣାଇବା ପାଇଁ ଫେରି ଆସି ନ ଥିଲେ । ସେମାନଙ୍କର ସବୁଠାରୁ ବଡ଼ କ୍ଷତି ଶାରୀରିକ ନ ଥିଲା, ଏହା ଆତ୍ମିକ ଥିଲା । ଯୀଶୁ ଖ୍ରୀଷ୍ଟ ଯାହା କରିଥିଲେ, ସେଥି ନିମନ୍ତେ ତାଙ୍କୁ ସ୍ୱୀକୃତି ଓ ସମ୍ମାନ ଦେବାର ସୁଯୋଗକୁ ସେମାନେ ହରାଇ ଦେଇଥିଲେ ।

ଆମେ କେତେ ଥର ସେହି ସମାନ କାର୍ଯ୍ୟ କରିଥାଉ ?

ସାହାଯ୍ୟ ଆବଶ୍ୟକ ହେଲେ, ଆମେ ଚିତ୍କାର ଓ କ୍ରନ୍ଦନ କରୁ । ଆମେ କଷ୍ଟର ସମ୍ମୁଖୀନ ହେଲେ, ଈଶ୍ୱରଙ୍କୁ ଖୋଜୁ । ଆମେ ସାହାଯ୍ୟ, ସୁସ୍ଥତା, ଚାକିରୀ ଓ ସଫଳତା ପାଇଁ ପ୍ରାର୍ଥନା କରୁ ।

ମାତ୍ର ଯେତେବେଳେ ଉତ୍ତର ଆସେ, ସେତେବେଳେ ଆମେ କ'ଣ ଧନ୍ୟବାଦ ଦେବା ପାଇଁ ଫେରି ଆସୁ ?

ଈଶ୍ୱର ଆମର କୃତଜ୍ଞତା ଆବଶ୍ୟକ କରନ୍ତି ନାହିଁ, ମାତ୍ର ଆମେ କୃତଜ୍ଞତା ଆବଶ୍ୟକ କରୁ, କାରଣ ଏହା ଆମର ହୃଦୟକୁ ତାଙ୍କ ସହିତ ସଂଯୁକ୍ତ ରଖେ ଓ ଆମକୁ ପ୍ରତ୍ୟେକ ଆଶୀର୍ବାଦର ସ୍ରୋତକୁ ସ୍ମରଣ କରାଇ ଦିଏ ।

## ଏକ ମନେ ରଖୁଥିବା ହୃଦୟ

ବାଇବଲ ମନେରଖିବା ପାଇଁ ଈଶ୍ୱରଙ୍କ ଲୋକମାନଙ୍କୁ ବାରମ୍ବାର ଆହ୍ୱାନ କରିଛି :

* ତାଙ୍କର ବିଶ୍ୱସ୍ତତାକୁ ସ୍ମରଣ କରନ୍ତୁ ।
* ତାଙ୍କ ପ୍ରତିଜ୍ଞାକୁ ସ୍ମରଣ କରନ୍ତୁ ।
* ତାଙ୍କ ଉତ୍ତମତାକୁ ସ୍ମରଣ କରନ୍ତୁ ।
* ସେହି ଲୋକମାନଙ୍କୁ ସ୍ମରଣ କରନ୍ତୁ, ଯେଉଁମାନଙ୍କୁ ସେ ଆମ ଜୀବନରେ ରଖିଛନ୍ତି ।
* ସର୍ବୋପରି, ସେହି ପ୍ରଭୁଙ୍କୁ ସ୍ମରଣ କରନ୍ତୁ, ଯିଏ ଆମକୁ ଆଶୀର୍ବାଦ କରିଛନ୍ତି ଓ ବଞ୍ଚାଇ ରଖିଛନ୍ତି ।

(ଅବଶିଷ୍ଟାଂଶ ୧୩ ପୃଷ୍ଠାରେ)

**ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।**

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ ''ଆହ୍ୱାନର ପ୍ରତିଧ୍ୱନି'' ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

# ଆମ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଇତିହାସ

"... ସେ ମୁକ୍ତ ହସ୍ତରେ ବିତରଣ କରିଅଛି, ସେ ଦରିଦ୍ରମାନଙ୍କୁ ଦାନ ଦେଇଅଛି, ତାହାର ଧାର୍ମିକତା ଚିରକାଳସ୍ଥାୟୀ । ଆଉ ଯେ ବୀଜବପନକାରୀଙ୍କୁ ବୀଜ ଓ ଭୋଜନ ନିମନ୍ତେ ଆହାର ଯୋଗାନ୍ତି, ସେ ବୁଣିବା ନିମନ୍ତେ ତୁମ୍ଭମାନଙ୍କୁ ବୀଜ ଯୋଗାଇବେ, ଓ ତାହା ବଢ଼ାଇବେ, ପୁଣି, ତୁମ୍ଭମାନଙ୍କ ଧାର୍ମିକତାର ଫଳ ବୃଦ୍ଧି କରିବେ" (୨ କରିନ୍ଥୀୟ ୯:୯,୧୦) ।

ପ୍ରାୟ ୨୮ ବର୍ଷ ପୂର୍ବେ, ମୁଁ ସେହି ଗ୍ରାମରେ ଅନେକ ଦରିଦ୍ର ପିଲାଙ୍କୁ ଲକ୍ଷ୍ୟହୀନ ଭାବେ ଏଣେତେଣେ ବୁଲୁଥିବାର ଦେଖୁଥିଲି, ଯେଉଁଠାରେ ବର୍ତ୍ତମାନ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ସ୍ଥାପିତ ହୋଇଅଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ଅତିରିକ୍ତ ଦାରିଦ୍ର୍ୟ ଯୋଗୁ ସ୍କୁଲରେ ଯୋଗ ଦେବା ପାଇଁ ଅସମର୍ଥ ଥିଲେ ।

ସେହି ସମୟରେ, ଆମେ ଆମର ବାଇବଲ କରେସପଣ୍ଡେନ୍ସ ପାଠ୍ୟକ୍ରମ, "ଆପଣଙ୍କ ନିମନ୍ତେ ନୂତନ ଜୀବନ" ବ୍ୟବହାର କରି, "ବାଇବଲ କୋର", ଅର୍ଥାତ୍, ସ୍ୱଳ୍ପ–କାଳୀନ ବାଇବଲ କରେସପଣ୍ଡେନ୍ସ ସାର୍ଟିଫିକେଟ କୋର୍ସ ନାମକ ଦଳଗତ ବାଇବଲ ଅଧ୍ୟୟନ କାର୍ଯ୍ୟକ୍ରମ ପରିଚାଳନା କରୁଥିଲୁ । ଏହା ଉଭୟ



ଇଂରାଜୀ ଓ ତାମିଲରେ ଉପଲବ୍ଧ ଥିଲା । ପ୍ରତ୍ୟେକ ବଚ୍ଚରେ ପ୍ରାୟ ୧୦୦ ଜଣ ବହୁ ଶ୍ରେଣୀର ପିଲା ଥିଲେ ଓ ଭିନ୍ନ ଭିନ୍ନ ସ୍ଥାନରେ ଏହିପରି ଅନେକ ବଚ୍ଚ ଥିଲେ । ସେମାନେ ଯେତିକି ଅଧିକ ସଂଖ୍ୟାରେ ଯୋଗ ଦେବେ, ଏଥିପାଇଁ ଆମେ ସେମାନଙ୍କୁ ଚକଲେଟ୍ ଦେଉଥିଲୁ । ଧୀରେ ଧୀରେ, ପିଲାମାନେ ସରଳ ଇଂରାଜୀ ଶବ୍ଦ ଓ ଖ୍ରୀଷ୍ଟିୟାନ ଗୀତଗୁଡ଼ିକୁ ଶିଖିବା ଆରମ୍ଭ କରିଥିଲେ । ସେମାନେ ନିଜ ନିଜ ଗୃହରେ ଏହି ଗୀତଗୁଡ଼ିକୁ ଗାଇବା ସମୟରେ, ସେମାନଙ୍କର ପିତାମାତାମାନେ ଅତି ଖୁସି ହେଉଥିଲେ ।

ସେହି ସମୟରେ, ସେହି ଗ୍ରାମରେ ଏହିସବୁ ଦରିଦ୍ର ପିଲାମାନଙ୍କ ନିମନ୍ତେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସ୍ଥାପନ କରିବା ପାଇଁ, ପ୍ରଭୁ ମୋ' ହୃଦୟରେ ଏକ ବୋଝ ପ୍ରଦାନ କଲେ ।

"କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି" (ଫିଲିପ୍ପୀୟ ୨:୧୩) ।

ପ୍ରଭୁ ଏହି ବୋଝଟିକୁ ମୋର ଜଣେ ପ୍ରିୟ ବନ୍ଧୁ, ଶ୍ରୀଯୁକ୍ତ ସାମ୍ ଡାନିୟେଲଙ୍କ ମାଧ୍ୟମରେ ନିଶ୍ଚିତ କରିଥିଲେ ଓ ଏହିପରି ଭାବରେ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ସ୍ଥାପିତ ହୋଇଥିଲା ।

ଆଦ୍ୟ ବର୍ଷଗୁଡ଼ିକ ଅନେକ ଆହ୍ୱାନରେ ପୂର୍ଣ୍ଣ ଥିଲା । ମୋତେ ପ୍ରାୟ ଏକାକୀ ଅନେକ ଅର୍ଥନୈତିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯଦିଓ ଅନେକ ପିତାମାତା ଆଗ୍ରହର ସହିତ ସେମାନଙ୍କ ପିଲାମାନଙ୍କୁ ଆମ ସ୍କୁଲରେ ଭର୍ତ୍ତି କରାଇଥିଲେ, ତଥାପି ଶିକ୍ଷକମାନଙ୍କୁ ମାସିକ ବେତନ ଦେବା ପାଇଁ ଆମକୁ ନିରନ୍ତର ସଂଘର୍ଷ କରିବାକୁ ପଡୁଥିଲା ।

କିନ୍ତୁ, ସେତେବେଳେ ମଧ୍ୟ, ମୁଁ ଇଂରାଜୀରେ ଅଭିବାଦନ ଜଣାଉଥିବା ଓ ଆନନ୍ଦରେ ଇଂରାଜୀ ଗୀତ ଗାଉଥିବା ଏହି ଦରିଦ୍ର ପିଲାମାନଙ୍କୁ ଦେଖୁଥିଲି, ସେତେବେଳେ ପ୍ରତ୍ୟେକ କଷ୍ଟ ସତ୍ତ୍ୱେ, ଏହି ସେବାକାର୍ଯ୍ୟ ଅବ୍ୟାହତ ରଖିବା ପାଇଁ, ମୁଁ ନୂତନ ଶକ୍ତି ଓ ଦୃଢ଼ତା ପାଉଥିଲି ।



ମୁଁ ଓ ମୋର ସ୍ତ୍ରୀ ଆମର ଶିକ୍ଷା ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ଅଭାବଗ୍ରସ୍ତ ପିଲାମାନଙ୍କର ପୃଷ୍ଠପୋଷକତା ପାଇଁ ଆମର ବ୍ୟକ୍ତିଗତ ଅର୍ଥକୁ ଯଥାସମ୍ଭବ, ଖର୍ଚ୍ଚ କରି ଦେଉଥିଲୁ । ଯଦିଓ ଶୁଭଚିନ୍ତକ ଦୟାଳୁ ଭାଇ ସ୍କୁଲ ଗୃହ ସ୍କୁଲ ଗୃହ ନିର୍ମାଣରେ ସାହାଯ୍ୟ କରିଥିଲେ, ତଥାପି ଆଉ କେହି ଦୈନନ୍ଦିନ ସ୍କୁଲ ପରିଚାଳନା ପାଇଁ ଆଗକୁ ଆସି ନ ଥିଲେ । ଏହା ଫଳରେ, ଅନେକ ସମୟରେ, ଆମେ ଶିକ୍ଷକ ଓ କର୍ମଚାରୀମାନଙ୍କର ଦରମା ଦେବା ପାଇଁ ଆମର ବ୍ୟକ୍ତିଗତ ଜିନିଷପତ୍ର ଓ ଆମର ଅଳଙ୍କାର ମଧ୍ୟ ବିକ୍ରି କରିବା ନିମନ୍ତେ ବାଧ୍ୟ ହେଉଥିଲୁ ।



କିଛି ବର୍ଷ ପୂର୍ବେ, ମୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ମୋର ଜଣେ ବନ୍ଧୁଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲି । କିନ୍ତୁ, ମୁଁ ସେଠାରେ ପହଞ୍ଚିବା ବେଳକୁ ସାକ୍ଷାତ୍ କରିବାର ସମୟ ଶେଷ ହୋଇ ଯାଇଥିଲା । ସେଥିପାଇଁ, ମୁଁ ଦୁଃଖିତ ମନରେ ଫେରି ଆସୁଥିଲି ।

ମୁଁ ଡାକ୍ତରଖାନାର ଗଳି ରାସ୍ତା ଦେଇ ଆସୁଥିବା ସମୟରେ, ମୁଖ୍ୟ ଡାକ୍ତରଙ୍କ ସହିତ ଅନେକ ଡାକ୍ତର ମୋର ବିପରୀତ ଦିଗରୁ ଆସୁଥିବାର ଦେଖିଲି । ଏହା ଜାଣି ନ ପାରି, ମୁଁ ଆଇ.ସି.ୟୁ (Intensive Care Unit) ନିକଟରେ ଠିକ୍ ସେମାନଙ୍କ ଯିବା ମାର୍ଗରେ ଠିଆ ହୋଇଗଲି । ହଠାତ୍ ମୋର ଅଶାନ୍ତତା ଯୋଗୁ, ମୁଁ ଲଜ୍ଜା ଅନୁଭବ କରି, ଅତିଶୀଘ୍ର ଗୋଟିଏ କୋଣକୁ ଚାଲିଗଲି ଓ "ମୁଁ ଦୁଃଖିତ" ବୋଲି କହିଲି ।

ମୋତେ ଆଶ୍ଚର୍ଯ୍ୟାନ୍ୱିତ କରି, ଜଣେ ଡାକ୍ତର ଅତି ଶୀଘ୍ର ମୋ' ନିକଟକୁ ଆସିଲେ, ମୋ' ସମ୍ମୁଖରେ ଆଣ୍ଠୁ ମାଡ଼ି ବସି, ମୋର ପାଦ ଧରିଲେ ଓ କାନ୍ଦିବାରେ ଲାଗିଲେ । ସେ କହିଲେ,

''ମହାଶୟ, ମୁଁ ଗୋଟିଏ ଅଶିକ୍ଷିତ ଓ ଦରିଦ୍ର ପରିବାରରୁ ଆସିଛି । ମୁଁ ମୋର ଅଧ୍ୟୟନ ପାଇଁ ଅନେକ ସଂଘର୍ଷ କରିଥିଲି । ମାତ୍ର ଆପଣ ମୋତେ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ନାମ ଲେଖାଇ ଦେଇଥିଲେ । ମୋତେ ମାଗଣା ଶିକ୍ଷା,




ୟୁନିଫର୍ମ, ଖାଦ୍ୟ ଓ ମୋର ପ୍ରତ୍ୟେକ ଆବଶ୍ୟକୀୟ ବିଷୟ ଯୋଗାଇ ଦେଇଥିଲେ । ମୋତେ ସ୍କୁଲ ଦରମା ଦେବାକୁ ପଡ଼ି ନ ଥିଲା, ମାତ୍ର ଆପଣଙ୍କର ଦୟା ଯୋଗୁ, ମୁଁ ମୋର ବିଦ୍ୟାଳୟର ପାଠ ପଢ଼ା ଶେଷ କରିପାରିଥିଲି । ଏହାପରେ, ମୁଁ ଡାକ୍ତରୀ ପାଠ ପଢ଼ି, ଆଜି ଈଶ୍ୱରଙ୍କର ଅନୁଗ୍ରହରୁ ଜଣେ ଡାକ୍ତର ହୋଇ ପାରିଛି । ମୁଁ ମୋର ବିଦ୍ୟାଳୟର ଦିନଗୁଡ଼ିକରୁ, ଯେଉଁ ଆତ୍ମିକ ମୂଳଦୁଆ ପାଇଥିଲି, ତାହା ଏପର୍ଯ୍ୟନ୍ତ ମୋର ଜୀବନକୁ ପଥ ଦେଖାଉଅଛି ଓ ବର୍ତ୍ତମାନ ମୁଁ ମୋର ସହକର୍ମୀ ଡାକ୍ତରମାନଙ୍କୁ ସୁସମାଚାର ଜଣାଉଅଛି ।

ସେଠାରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହୋଇଥିଲେ । ଆମେ ଆଶ୍ଚର୍ଯ୍ୟରେ ଠିଆ ହୋଇ, ସେହି ଯୁବକଙ୍କ ଜୀବନରେ ଈଶ୍ୱର ସାଧନ କରିଥିବା ଅଦ୍ଭୁତ କାର୍ଯ୍ୟକୁ ଦେଖିଥିଲୁ । ଡାକ୍ତରମାନେ ମୋତେ ବହୁତ ସମ୍ମାନ ଦେଖାଇଥିଲେ । ମାତ୍ର ସମସ୍ତ ଗୌରବ କେବଳ ଈଶ୍ୱରଙ୍କର ପ୍ରାପ୍ୟ ଥିଲା ।

ଆମ ବିଦ୍ୟାଳୟରୁ ଏହିପରି ଅନେକ ସାକ୍ଷ୍ୟ ରହିଛି । କେବଳ ଆମର ସର୍ବଶକ୍ତିମାନ ସଦାପ୍ରଭୁଙ୍କଠାରେ ଅଟଳ ବିଶ୍ୱାସ ମାଧ୍ୟମରେ ହିଁ ଆମେ ଏହି ସେବାକାର୍ଯ୍ୟକୁ ଅବ୍ୟାହତ ରଖିପାରିଛୁ ।

ଆଜି, ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ୬୦୦ରୁ ଅଧିକ ଛାତ୍ର ଅଧ୍ୟୟନ କରୁଛନ୍ତି । ସେହି ସ୍ଥାନରେ ଥିବା ଅନ୍ୟ ସମସ୍ତ ସ୍କୁଲ ମଧ୍ୟରେ, ଆମର ସ୍କୁଲକୁ ସର୍ବୋତ୍ତମ ସ୍କୁଲ ଭାବରେ ପୁରସ୍କୃତ କରାଯିବା ପାଇଁ ମନୋନୀତ କରାଯାଇଥିଲା । ଏହି ପୁରସ୍କାର, ୨୦୦୮, ଡିସେମ୍ବର ୨୪ ତାରିଖରେ ପୂର୍ବତନ ଖାଦ୍ୟ ମନ୍ତ୍ରୀଙ୍କ ଉପସ୍ଥିତିରେ ପୂର୍ବତନ ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ଈଶ୍ୱର ଯେପରି ଏହି ସେବାକାର୍ଯ୍ୟ ମାଧ୍ୟମରେ ଦାରିଦ୍ର୍ୟ ଓ ଦୁଃଖର ଗଭୀରତା ମଧ୍ୟରୁ ପିଲାମାନଙ୍କୁ ଉଠାଇ, ଆଶା, ଉଦ୍ଦେଶ୍ୟ ଓ ଆଶୀର୍ବାଦର ଜୀବନ ମଧ୍ୟକୁ ଆଣିବା ଦ୍ୱାରା ଅନେକ ଜୀବନକୁ ପରିବର୍ତ୍ତନ କରି ଚାଲିବେ, ଏହା ଆମର ପ୍ରାର୍ଥନା ଅଟେ ।

''କାରଣ ମୁଁ କ୍ଷୁଧିତ ଥିଲି, ତୁମ୍ଭେମାନେ ମୋତେ ଭୋଜନ କରିବାକୁ ଦେଲ, ତୃଷିତ ଥିଲି, ମୋତେ ପାନ କରିବାକୁ ଦେଲ, ପ୍ରବାସୀ ଥିଲି, ମୋତେ ଆଶ୍ରୟ ଦେଲ, ଉଲଗ୍ନ ଥିଲି, ମୋତେ ବସ୍ତ୍ର ପରିଧାନ କରାଇଲ...''

''ସେଥିରେ ଧାର୍ମିକମାନେ ତାହାଙ୍କୁ ଉତ୍ତର ଦେବେ, ହେ ପ୍ରଭୁ, କେବେ ଆମ୍ଭେମାନେ ଆପଣଙ୍କୁ କ୍ଷୁଧିତ ଦେଖି ଆହାର ଦେଲୁ ? ଅବା ତୃଷିତ ଦେଖି ପାନ କରିବାକୁ ଦେଲୁ ? ଆଉ କେବେ ଆପଣଙ୍କୁ ପ୍ରବାସୀ ଦେଖି ଆଶ୍ରୟ ଦେଲୁ ? କିମ୍ବା ଉଲଗ୍ନ ଦେଖି ବସ୍ତ୍ର ପରିଧାନ କରାଇଲୁ ?''...

ପୁଣି, ରାଜା ସେମାନଙ୍କୁ ଉତ୍ତର ଦେବେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ମୋହର ଏହି କ୍ଷୁଦ୍ରତମ ଭ୍ରାତୃବୃନ୍ଦଙ୍କ ମଧ୍ୟରୁ ଜଣକ ପ୍ରତି ଏହା କରିଥିବାରୁ ମୋ' ପ୍ରତି ହିଁ ତାହା କରିଅଛ'' (ମାଥିଉ ୨୫:୩୫–୪୦) ।

*******************

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ଭୁଲିଯିବା ଘୃଣ ଗର୍ବ ଦିଗକୁ କଢ଼ାଇ ନିଏ, ସ୍ମରଣ କରିବା ଉପାସନା ଦିଗକୁ କଢ଼ାଇ ନିଏ । ପାନପାତ୍ର ବାହକ ଯୋସେଫଙ୍କ ଦୟାକୁ ଭୁଲି ଯାଇଥିଲା ।

ନାବଲ ଦାଉଦଙ୍କ ସୁରକ୍ଷାକୁ ଭୁଲି ଯାଇଥିଲା । ଇସ୍ରାଏଲ ଗିଦିୟୋନଙ୍କ ଉଦ୍ଧାର କାର୍ଯ୍ୟକୁ ଭୁଲି ଯାଇଥିଲା ।

ନଅ ଜଣ କୁଷ୍ଠରୋଗୀ ଯୀଶୁ ଖ୍ରୀଷ୍ଟଙ୍କର ଦୟାକୁ ଭୁଲି ଯାଇଥିଲେ ।

ଆସନ୍ତୁ, ଆମେ ସେମାନଙ୍କ ଭୁଲରୁ ଶିକ୍ଷା କରିବା ।

ଆସନ୍ତୁ, ଆମେ ଏପରି ଲୋକ ହେବା, ଯେଉଁମାନେ ମନେରଖନ୍ତି ।

ଆପଣଙ୍କ ନିମନ୍ତେ ସ୍ୱାର୍ଥତ୍ୟାଗ କରିଥିବା ପିତାମାତାଙ୍କୁ ସ୍ମରଣ କରନ୍ତୁ ।

ଆପଣଙ୍କୁ ଉତ୍ସାହିତ କରିଥିବା ଶିକ୍ଷକଙ୍କୁ ସ୍ମରଣ କରନ୍ତୁ ।

ଆପଣଙ୍କ ପାର୍ଶ୍ୱରେ ଠିଆ ହୋଇଥିବା ବନ୍ଧୁଙ୍କୁ ସ୍ମରଣ କରନ୍ତୁ ।

ଆପଣଙ୍କ ନିମନ୍ତେ ଈଶ୍ୱରଙ୍କର ଯେଉଁ ଦାସ ପ୍ରାର୍ଥନା କରିଥିଲେ, ତାହାଙ୍କୁ ସ୍ମରଣ କରନ୍ତୁ ।

ପୁଣି, ସର୍ବୋପରି, ଆମର ସେହି ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କୁ ସ୍ମରଣ କରନ୍ତୁ ଯିଏ ଆମ ନିମନ୍ତେ ନିଜର ଜୀବନ ସେତେବେଳେ ଉତ୍ସର୍ଗ କରିଥିଲେ ଯେତେବେଳେ ଆମେ ପାପୀ ଥିଲୁ । ସେ ଆମକୁ ନିଃସର୍ତ୍ତ ମୁକ୍ତ ଭାବରେ ପ୍ରେମ କରିଥିଲେ, ସେ ଆମ ନିମନ୍ତେ ମୃତ୍ୟୁବରଣ କରି, ପୁନର୍ବାର ଉଠିଥିଲେ ଓ ଆମେ ଯେପରି ଅନନ୍ତ କାଳ ପର୍ଯ୍ୟନ୍ତ ତାଙ୍କ ସହିତ ରହିବୁ, ଏଥିପାଇଁ ସେ ଆମକୁ ନେବା ପାଇଁ ପୁନର୍ବାର ଆସୁଅଛନ୍ତି । କେବଳ ଲୋକମାନଙ୍କୁ ଭୁଲିଯିବା ସବୁଠାରୁ ବଡ଼ ବିପଦ ନୁହେଁ ।

ଈଶ୍ୱରଙ୍କୁ ଭୁଲିଯିବା ସବୁଠାରୁ ବଡ଼ ବିପଦ ଅଟେ ।

ଆମ ଜୀବନରେ ସର୍ବଦା ଏପରି କୃତଜ୍ଞତା ପୂର୍ଣ୍ଣ ହୃଦୟ ରହୁ ଯାହା ସେହି ପ୍ରତ୍ୟେକଟି ଦାନ ଓ ପ୍ରତ୍ୟେକଟି ବିଶ୍ୱସ୍ତ ହସ୍ତକୁ ଚିହ୍ନିବ ଯାହାକୁ ଈଶ୍ୱର ଆମର ପଥ ମଧ୍ୟରେ ବ୍ୟବହାର କରିଥାଆନ୍ତି ।

ଆସନ୍ତୁ, ଆମେ ତାହାଙ୍କୁ ଆଉଥରେ ଭୁଲିବା ନାହିଁ ଯାହାଙ୍କଠାରୁ ପ୍ରତ୍ୟେକ ଆଶୀର୍ବାଦ ନିର୍ଗତ ହୁଏ ।

''ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହାଙ୍କର ମଙ୍ଗଳଦାନ ସବୁ ପାସୋର ନାହିଁ'' (ଗୀତସଂହିତା ୧୦୩:୨) ।


**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ (୯୧-୯୮୪୧୦୭୧୮୪୮), (୯୧-୯୮୪୧୨୭୧୮୪୮) (ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାଖାନା, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th SEPTEMBER 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**